ଧରିତ୍ରୀ
DHARITRI
ଗୁରୁବାର, ୩ ମାର୍ଚ୍ଚ, ୨୦୨୨

## ନିର୍ବାଚନ ଫଳାଫଳକୁ ନେଇ ଉତ୍ତେଜନା

**ବାରିପଦା ଅଫିସ:** ନିର୍ବାଚନ ଫଳାଫଳକୁ ନେଇ ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ବାଲଡିହାଠାରେ ଉତ୍ତେଜନା ଦେଖିବାକୁ ମିଳିଛି। ପରାଜିତ ପ୍ରାର୍ଥୀଙ୍କ ନାମ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକେ ବିଡିଓଙ୍କୁ ଘେରାଉ କରି ଠେଲାପେଲା କରିଛନ୍ତି। ନିର୍ବାଚିତ ପ୍ରାର୍ଥୀଙ୍କ ନାମ ପ୍ରତିବଦଳରେ ପରାଜିତ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବାରୁ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକମାନେ ହୋହଲ୍ଲା କରିଥିଲେ।



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

ବାଙ୍ଗିରିପୋଷି,୨।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ଗୋଲାମୁଣ୍ଡାକଟା ପଞ୍ଚାୟତର ଶିମିଳା ଛକ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କେତେକ ଗ୍ରାମବାସୀ ରାସ୍ତାକଡ଼ରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିଚୟ ଜଣା ପଡ଼ି ନ ଥିବା ବେଳେ ଏହା ହତ୍ୟାକାଣ୍ଡ ବୋଲି ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି।

### ପ୍ରଥମ ଦିନରେ ହେଲାନି ପ୍ରାର୍ଥିପତ୍ର ଦାଖଲ

ବାସୁଦେବପୁର,୨।୩(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ନିର୍ବାଚନ ଲାଗି ବୁଧବାରଠାରୁ ପ୍ରାର୍ଥିପତ୍ର ଦାଖଲ ଅରମ୍ଭ ହୋଇଛି। ୨୩ ୱାର୍ଡ ବିଶିଷ୍ଟ ଏହି ପୌର ପରିଷଦର କାଉନସିଲର, ପୌରାଧକ୍ଷ ପାଇଁ ପ୍ରଥମ ଦିନରେ କୌଣସି ପ୍ରାର୍ଥିପତ୍ର ଦାଖଲ ହୋଇ ନ ଥିବା ଜଣାପଡ଼ିଛି। ଉପଯୁକ୍ତ ପ୍ରାର୍ଥୀ ଚୟନ ପାଇଁ ବିଭିନ୍ନ ରାଜନୈତିକ ଦଳ ଘନଘନ ବୈଠକ ଓ ଆଲୋଚନା କରୁଛନ୍ତି। ୱାର୍ଡ କାଉନସିଲର ନିମନ୍ତେ କଂଗ୍ରେସ ଦଳ ପ୍ରାୟତଃ ସମସ୍ତ ୱାର୍ଡରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ସାରିଥିବା ବେଳେ ବିଜେଡ଼ି ପକ୍ଷରୁ ମଧ୍ୟ ଏନେଇ ତତ୍ପରତା ପ୍ରକାଶ ପାଇଛି। ଆଶାୟୀମାନେ ସ୍ଥାନୀୟ ବିଧାୟକଙ୍କ ବାସଭବନରେ ଭିଡ଼ ଜମାଉଥିବା ଲକ୍ଷ୍ୟ କରାଯାଉଛି। ସେହିଭଳି ଭାଜପା ମଧ ୱାର୍ଡସ୍ତରରେ ପ୍ରାର୍ଥୀ ଚୟନ କାର୍ଯ୍ୟରେ ଲାଗିଛି। ତେବେ ୩ ପ୍ରମୁଖ ରାଜନୈତିକ ଦଳର କିଏ ପୌରାଧକ୍ଷ ପଦବୀ ପାଇଁ ପ୍ରାର୍ଥୀ ହେବେ ସେ ନେଇ କୌଣସି ସ୍ପଷ୍ଟ ଚିତ୍ର ମିଳିପାରିନାହିଁ। ଫଳରେ ଆଶାୟୀଙ୍କ ମଧ୍ୟରେ ସସପେନ୍ସ ଜାରି ରହିଛି।

### ଜାତୀୟ ବିଜ୍ଞାନ ଦିବସ

କୁଳିଅଣା,୨।୩(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ଉଚ୍ଚଳମଣି ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ମିଶ୍ରଙ୍କ ଅଧକ୍ଷତାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଡ.ସରୋଜ ନାୟକଙ୍କ ସଂଯୋଜନାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ସବିତା ପାଲ, ଦୀପିକା ନାୟକ, ଜୟନ୍ତୀ ଦାସ, ହସି ମାରାଣ୍ଡି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ମୋନାଲିଶା ମହାପାତ୍ର, ତନୁଶ୍ରୀ ବାସୁରୀ, ସୁକନ୍ୟା ପ୍ରିୟଦର୍ଶିନୀ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଅଞ୍ଜଳି ଦାସ ମହାପାତ୍ର ସ୍ୱାଗତ ଭାଷଣ ଓ ଭାନୁମତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦେବସ୍ମିତା ମିଶ୍ର, ଆରତୀ ବେହେରା, ରଶ୍ମିତା ଦାସ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ୫ ଗୁରୁତର

କୁଆମରା/ସାରସକଣା,୨।୩(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଓ ଝାରପୋଖରିଆ ଥାନା ଅଞ୍ଚଳରେ ଦୁଇଟି ଦୁର୍ଘଟଣାରେ ୫ଜଣ ଗୁରୁତର ହୋଇଛନ୍ତି। ଉଦଳା-ବୈଶିଙ୍ଗା ରାସ୍ତାର ଖୁଣ୍ଟା ଥାନା ଅଧୀନ ନୂଆସାହି ଛକଠାରେ ବୁଧବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦମ୍ପତିଙ୍କ ସମେତ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶିମିଳିପାଳ ଗ୍ରାମର ସୁଦର୍ଶନ ମାଝୀ ଓ ତାଙ୍କ ସ୍ତ୍ରୀ ମାୟାବତୀ। ଅନ୍ୟ ଦୁଇ ଜଣ ହେଲେ ଗୋପବନ୍ଧୁ ନଗର ବ୍ଲକ କାଳିଆପଦା ଗ୍ରାମର ନବଘନ ସି ଏବଂ ପୁରୁଣା ବାରିପଦା ଗ୍ରାମର ହିରଣ୍ମୟ ପଢ଼ୀଆରି। ସେହିପରି ଝାରପୋଖରିଆ ଥାନା ପାଣିପୋଷି ନିକଟସ୍ଥ ୪୯ନଂ. ଜାତୀୟ ରାଜପଥରେ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ଅଞ୍ଚଳର ସମୀର ନାଏକ। ସମ୍ପର୍କୀୟଙ୍କ ଘରକୁ ଯିବା ସମୟରେ ପାଣିପୋଷି ନିକଟରେ ନିୟନ୍ତ୍ରଣ ହରାଇ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### ପୁନଃ ଭୋଟ ଗଣତି ଦାବି

କେନ୍ଦୁଝର, ୨।୩ (ସ୍ୱ.ପ୍ର.): କେନ୍ଦୁଝର ସଦର ବ୍ଲକ ବାଉରୀପଦା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ନିର୍ମଳା ଦେହୁରୀ ପୁନଃ ଭୋଟ ଗଣତି ଦାବି କରିଛନ୍ତି। ଏନେଇ ବୁଧବାର ସଦର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କର ଭୋଟ ଗଣନା ବେଳେ ଉପସ୍ଥିତ ଥିବା ତାଙ୍କ ଏଜେଣ୍ଟ ମଙ୍ଗଲୁ ଚରଣ ନାୟକ କହିଛନ୍ତି ଯେ, ତାଙ୍କ ଗ୍ରାମ ବୁଥର ୧୪୦ ଟି ଭୋଟ ନାକଚ ହୋଇଛି। ସେ ସମୁଦାୟ ୨୪୫୭ ଭୋଟ ପାଇଥିବା ବେଳେ ବିଜୟୀ ପ୍ରାର୍ଥୀ ବିନୋଦିନୀ ଦେହୁରୀ ୨୫୨୦ ଭୋଟ ପାଇଛନ୍ତି। ଏଣୁ ପୁନଃ ଭୋଟ ଗଣତି କରିବାକୁ ସେ ନିବେଦନ କରିଛନ୍ତି। ତାଙ୍କ ସମର୍ଥକ ମାନେ ବିଡିଓଙ୍କୁ ଲିଖତ ଦାବୀପତ୍ର ପ୍ରଦାନ କରିଛନ୍ତି।

# ପ୍ରାର୍ଥୀ ଚୟନକୁ ନେଇ ଛକାପଞ୍ଝା

## ମୟୂରଭଞ୍ଜ ପୌର ନିର୍ବାଚନ

ବାରିପଦା ଅଫିସ,୨।୩

ମୟୂରଭଞ୍ଜ ଜିଲାରେ ପୌର ନିର୍ବାଚନ ଲାଗି ଉଷ୍ମତା ବଢ଼ି ଚାଲିଛି। ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପ୍ରାର୍ଥୀ ଚୟନ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ବାରିପଦା, ରାଇରଙ୍ଗପୁର ମ୍ୟୁନିସିପାଲିଟି ଏବଂ ଉଦଳା, କରଞ୍ଜିଆ ଏନ୍ଏସିରେ ନିର୍ବାଚନ ହେବାକୁ ଥିବା ବେଳେ ଆଶାୟୀମାନେ ଟିକେଟ ପାଇଁ ଦଳୀୟ ନେତାଙ୍କଠାରେ ଲବି ଚଳାଇଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲାରେ ଅଭୂତପୂର୍ବ ସଫଳତା ହାସଲ କରିଥିବା ବିଜେଡି ପୌର ପରିଷଦର ସମସ୍ତ ଆସନ ହାତେଇବାକୁ ଗୋଟିଚାଳନା ଜାରି ରଖିଛି। ୩ଟି ଜିଲା ପରିଷଦ ଜୋନ୍ ଦଖଲ କରିଥିବା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା(ଜେଏମ୍ଏମ୍) ମଧ୍ୟ ଉତ୍ସାହିତ ରହିଛି। ପୌର ନିର୍ବାଚନରେ ଦଳ କିଭଳି ଅଧିକ ଆସନ ଅକ୍ତିଆର କରିବ ସେଥିପାଇଁ ପ୍ରୟାସ ଆରମ୍ଭ କରିଛି। ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନରେ ଧୂଳି ଚାଟିଥିବା ଭାଜପା ଓ କଂଗ୍ରେସ ମଧ୍ୟ ପୌର ପରିଷଦ ଦଖଲ କରିବା ଲାଗି ଉଦ୍ୟମ ଚଳାଇଛନ୍ତି।

ଜିଲାରେ ବିଜେଡି ପ୍ରତି ଜନସମର୍ଥନ ରହିଥିବା ନେଇ ମୟୂରଭଞ୍ଜବାସୀ ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରମାଣିତ କରିଛନ୍ତି। ବିଜୟ ଧାରାକୁ ଦୃଷ୍ଟିରେ ରଖି ପୌର ନିର୍ବାଚନରେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି ବିଜେଡି ନେତାମାନେ ଆଶାବାଦୀ ରହିଛନ୍ତି। ଏନେଇ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପହଞ୍ଚି ଦଳୀୟ ନେତୃବୃନ୍ଦଙ୍କ ସହ ଗୁପ୍ତ ବୈଠକ କରୁଛନ୍ତି। ସାଙ୍ଗଠନିକ ଦାୟିତ୍ୱରେ ରହି ଦଳକୁ ସଜାଡିଥିବା ବ୍ୟକ୍ତିଙ୍କୁ ଟିକଟ ପ୍ରଦାନ କରାଯିବା ନେଇ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଅଧ୍ୟକ୍ଷ ପଦ ପାଇଁ ଆଶାୟୀ ଥିବା ବହୁ ନେତାଙ୍କ ମଧ୍ୟରେ ବଳ କଷାକଷି ଚାଲିଛି। ଦଳୀୟ ଟିକଟରୁ ବଞ୍ଚିତ ହେଲେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ କେତେଜଣ ମନସ୍ଥ କରୁଥିବା ଆଲୋଚନା ଦେଉଛି। ବୁଧବାର ଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଥିବା ବେଳେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନ ଥିବା ଜଣାପଡିଛି। ବାରିପଦା ପୌର ପରିଷଦରେ ଥିବା ୨୮ଟି ଆସନରୁ ୨୦୧୫ ପୌର ନିର୍ବାଚନରେ ବିଜେଡି ୨୭ଟି ହାତେଇଥିବା ବେଳେ ଭାଜପା ଗୋଟିଏରେ ସୀମିତ ରହିଥିଲା। ସାରା ରାଜ୍ୟରେ ଜନସମର୍ଥନକୁ ଦୃଷ୍ଟିରେ ରଖି ଅନ୍ୟ ଦଳର କର୍ମକର୍ତ୍ତା ବିଜେଡି ପ୍ରତି ଆକୃଷ୍ଟ ହେଉଛନ୍ତି। ତେବେ ପୌର ନିର୍ବାଚନରେ ଭାଜପା କିଭଳି ରଣନୀତି ପ୍ରସ୍ତୁତ କରି ସମ୍ମାନ ବଜାୟ ରଖିବ ସେ ନେଇ କଳ୍ପନାଜଳ୍ପନା ଲାଗି ରହିଛି।

# ସୁନାବେଶରେ ଦର୍ଶନ ଦେଲେ ଆଖଣ୍ଡଳମଣି

ଆରଡ଼ି,୨।୩(ଡି.ଏନ.ଏ.)

ମହାଶିବରାତ୍ରିର ନିଶାର୍ଦ୍ଧରେ ବାବା ଆଖଣ୍ଡଳମଣି ସୁନା ବେଶରେ ସଜ୍ଜିତ ହୋଇଥିଲେ। ରାତି ୧୨ଟାରେ ବାବାଙ୍କ ସ୍ନାନକୃତ୍ୟ ପରେ ସୁନାବେଶ ସମ୍ପନ୍ନ କରାଯାଇଥିଲା। ୧.୩୦ରେ ସର୍ବସାଧାରଣଙ୍କୁ ଦର୍ଶନ ଦର୍ଶନ ସୁଯୋଗ ଦିଆଯାଇଥିଲା। ପରେ ସେବାୟତଙ୍କ ପରିବାର ୧ ଘଣ୍ଟା ସୁନାବେଶ ଦର୍ଶନ କରିଥିଲେ। ରାତି ସାଢ଼େ ୩ଟାରେ ମନ୍ଦିର ଗମ୍ଭୀରା ଗୃହକୁ ମହାଦୀପ ନିଆଯାଇ ଶୁଦ୍ଧିକରଣ କରାଯାଇଥିଲା। ୪.୧୫ରେ ମହାଦୀପକୁ ସେବାୟତ ବେଢ଼ା ପରିକ୍ରମା କରାଇଥିଲେ। ଭୋର ୪.୪୦ରେ ହରିବୋଲ, ହୁଳହୁଳି ଓ ଘଣ୍ଟ ଧ୍ୱନିର ତାଳେତାଳେ ସେବାୟତ ଅମର କୁମାର ପାଢ଼ୀ ଓ ଅନ୍ୟମାନେ ମହାଦୀପକୁ ମନ୍ଦିର ଚୂଡ଼ାରେ ରଖିଥିଲେ। ଶ୍ରଦ୍ଧାଳୁ ଏହି ମହାଦୀପ ଦର୍ଶନ କରି ନିଜର ଜାଗର ବ୍ରତ ଭାଙ୍ଗିଥିଲେ। ଜିଲା ପ୍ରଶାସନିକ ଅଧିକାରୀ, ମନ୍ଦିର ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ପୋଲିସ ଅଧିକାରୀ ପୀଠରେ ଉପସ୍ଥିତ ରହିଥିଲେ। ବୁଧବାର ପୂର୍ବାହ୍ଣ ୧୦ଟାଠାରୁ ପୀଠ ପରିସରରୁ ୧୪୪ ଧାରା ଉଠାଇ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଭକ୍ତମାନେ ଦିଅଁ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। କୋଭିଡ୍ କଟକଣା ମାନି ଶ୍ରଦ୍ଧାଳୁମାନେ ମହାଶିବରାତ୍ରି ପାଳନ କରିଥିବାରୁ ଭଦ୍ରକ ଜିଲାପାଳ ତ୍ରିଲୋଚନ ମାଝି କୃତଜ୍ଞତା ଜ୍ଞାପନ କରିଛନ୍ତି।



ସୁନାବେଶରେ ସଜ୍ଜିତ ହୋଇଛନ୍ତି ମଣିବାବା।

# ଭୋଟ ପୁନଃ ଗଣତି ଦାବିରେ ଧାରଣା



ଧାରଣାରେ ବସିଥିବା ପରାଜିତ ସମିତିସଭ୍ୟ ପ୍ରାର୍ଥୀ ବସୁଧା ସିଂ ଓ ତାଙ୍କ ସମର୍ଥକ।

ଉଦଳା,୨।୩(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଥିବା ବେଳେ ଭୋଟ ଗଣତିରେ ପକ୍ଷପାତିତା କରାଯାଇଥିବା ପରାଜିତ ସମିତି ସଭ୍ୟ ପ୍ରାର୍ଥିନୀ ଅଭିଯୋଗ କରିଛନ୍ତି। ପୁନଃ ଗଣତି ଦାବିରେ ସମର୍ଥକଙ୍କ ସହ ସେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ପାଟଶାଣୀପୁର ପଞ୍ଚାୟତରେ ଏହି ଘଟଣା ଘଟିଛି।

ସମିତି ସଭ୍ୟ ପଦବୀ ପାଇଁ ଏହି ପଞ୍ଚାୟତର ବସୁଧା ସିଂ ଏବଂ ସ୍ନେହଲତା ସିଂ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଉଭୟଙ୍କ ମଧ୍ୟରେ କଡ଼ା ଟକ୍କର ମଧ୍ୟ ହୋଇଥିଲା। ୨୬ ତାରିଖ ଭୋଟ ଗଣତି ବେଳେ ପ୍ରଥମେ ବସୁଧାଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ପରେ ତାହାକୁ ପରିବର୍ତ୍ତନ କରାଯାଇ ୧୬ ଖଣ୍ଡ ଭୋଟରେ ସ୍ନେହଲତା ବିଜୟୀ ହେଲେ ବୋଲି ଘୋଷଣା କରାଗଲା। ତେବେ ଗଣତିରେ ପକ୍ଷପାତିତା କରାଯାଇ ସ୍ନେହଲତାଙ୍କୁ ବିଜୟୀ ଘୋଷଣା କରାଯାଇଥିବା ବସୁଧା ଓ ତାଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ବ୍ଲକ ନିର୍ବାଚନ ଅଧିକାରୀ ତଥା ଉଦଳା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରି ଧାରଣାରେ ବସିଛନ୍ତି।

# ଅସଦାଚରଣ ମାମଲାରେ ଯୁବକ ଗିରଫ

କୁଆମରା,୨।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଡୁକୁରା ଫାଣ୍ଡି ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ମାହାଲିବସା ଗ୍ରାମର ଶମ୍ଭୁ ସିଂ। ୨୮ ତାରିଖରେ ଯୁବତୀ ଜଣଙ୍କ ତାଙ୍କ ସାଙ୍ଗଙ୍କ ସହ ଅରିକୂଳଡ୍ୟାମ୍ ବୁଲିବାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଶମ୍ଭୁ ଏକ ନିଛାଟିଆ ସ୍ଥାନରେ ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଏନେଇ ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୫୧/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଅଳଙ୍କାର, ୨ ଲକ୍ଷ ଟଙ୍କା ଚୋରି

ବାସୁଦେବପୁର, ୨।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହର ନିକଟସ୍ଥ ବିଦ୍ୟୁତ ମାର୍ଗରେ ଥିବା ଶିଳ୍ପପତି ମହେଶ ଚନ୍ଦ୍ର ଦାସଙ୍କ ଘରୁ ମଙ୍ଗଳବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ଚୋର ମାନେ ମହେଶଙ୍କର ଘର ପଛପାଖ ଗ୍ରୀଲ ତାଲା କାଟି ଘରେ ପ୍ରବେଶ କରିଥିଲେ। ଏହି ସମୟରେ ମହେଶଙ୍କ ପରିବାର ଲୋକ ନିକଟସ୍ଥ ମନ୍ଦିରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଚୋର ମାନେ ତାଙ୍କ ଘରେ କଳାକନା ବୁଲାଇ ଦେଇଥିଲେ। ଚୋରମାନେ ମହେଶଙ୍କ ଆଲମିରା ତାଡ଼ି ଏଥିରେ ଥିବା ନଗଦ ଦୁଇ ଲକ୍ଷ ଟଙ୍କା ସମେତ ୩ଟି ସୁନାହାର, ସୁନାବାହୁଟି ଅନ୍ୟାନ୍ୟ ସୁନା ଅଳଙ୍କାର ମୂଲ୍ୟ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ଚୋରି କରି ନେଇଛନ୍ତି। ରାତି ପ୍ରାୟ ୧୦ଟା ବେଳକୁ ଘରକୁ ଫେରି ମହେଶ ଓ ତାଙ୍କ ପରିବାର ଲୋକ ଘରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜିଲା ଉପଦେଷ୍ଟା କମିଟି ବୈଠକ

**ଭଦ୍ରକ ଅଫିସ, ୨।୩:** ଭଦ୍ରକ ଜିଲାପାଳ ତ୍ରିଲୋଚନ ମାଝିଙ୍କ ଅଧକ୍ଷତାରେ ସାଳନ୍ଦୀ ସଭାଗୃହରେ ବୁଧବାର ଜିଲା ସଦର ଚିକିତ୍ସାଳୟର ପିସି ଏବଂ ପିଏନ୍‌ଡ଼ିଟି ପାଇଁ ଜିଲା ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଘରୋଇ ଭାବେ କାର୍ଯ୍ୟ କରୁଥିବା କେତୋଟି ଅଲଟ୍ରାସାଉଣ୍ଡ ୟୁନିଟ୍‌ର ପଞ୍ଜୀକରଣକୁ ନବୀକରଣ କରାଯିବା ଓ ନୂତନ ଭାବେ ପଞ୍ଜୀକରଣ ପାଇଁ ହୋଇଥିବା ଆବେଦନ ଗୁଡ଼ିକୁ ବୈଠକରେ ଅନୁମୋଦନ ପାଇଁ ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ଜିଲାପାଳଙ୍କ ଦ୍ୱାରା ମନୋନୀତ କମିଟି ସଦସ୍ୟ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଜିଲାର ସମସ୍ତ ଅଲଟ୍ରାସାଉଣ୍ଡ ୟୁନିଟ୍‌ର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିଲା । ଏହି କମିଟି ମାସରେ ଅତି କମ୍‌ରେ ଥରେ ସମସ୍ତ ୟୁନିଟ୍‌କୁ ପରିଦର୍ଶନ କରି ଆନୁଷଙ୍ଗିକ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ପ୍ରକାଶ ଥାଉକି ଜିଲାରେ ବର୍ତ୍ତମାନ ସମୁଦାୟ ୧୩ଟି ଅଲଟ୍ରାସାଉଣ୍ଡ ୟୁନିଟ୍ କାର୍ଯ୍ୟ କରୁଛି। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ସଦର ଚିକିତ୍ସାଳୟରେ ଗୋଟିଏ ଲେଖାଏ ଓ ଘରୋଇ ଭାବେ ବାସୁଦେବପୁର, ଚାନ୍ଦବାଲି, ଭଣ୍ଡାରିପୋଖରୀରେ ୧ଟି ଲେଖାଏ, ଜିଲା ସଦର ମହକୁମାରେ ୭ଟି. ଚରମ୍ପାରେ ୧ଟି ୟୁନିଟ୍ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ଜଣାପଡ଼ିଛି। ୨ଟି ନୂଆ ଅନୁମତି ପ୍ରାପ୍ତ ହେଲେ ଏହି ସଂଖ୍ୟା ୧୫ରେ ପହଞ୍ଚିବ। ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଏଡିଏମ୍ଓ (ଏଫ୍‌ଡବ୍ଲ୍ୟୁ) ଜୟନ୍ତ କୁମାର ପଣ୍ଡା ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ସହକାରୀ ପରିଚାଳକ ସୁଶାନ୍ତ କୁମାର ରାଉତରାୟ ଅଲଟ୍ରା ସାଉଣ୍ଡ ୟୁନିଟ୍ ବ୍ୟବସ୍ଥା ପାଇଁ ଉଦ୍ଦିଷ୍ଟ ଆଇନ୍‌ଗତ ଦିଗ ବିଷୟରେ ଉପସ୍ଥାପନ କରିଥିଲେ ।

# ଏମ୍‌ପିଙ୍କ ଗାଡ଼ି ଅଟକାଇ ପିଏସ୍‌ଓଙ୍କୁ ଦୁର୍ବ୍ୟବହାର

ବାସୁଦେବପୁର, ୨।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର-ଇଚ୍ଛାପୁର ରାସ୍ତାର କିଆପଡ଼ା ଛକ ଠାରେ ମଙ୍ଗଳବାର ରାତି ପ୍ରାୟ ୧୦ଟା୩୦ ରେ କେତେକ ଯୁବକ ସଂଘବଦ୍ଧ ହୋଇ ଭଦ୍ରକ ଏମ୍‌ପିଙ୍କ ଗାଡ଼ିକୁ ଅଟକାଇ ଏମ୍‌ପିଙ୍କ ପିଏସ୍‌ଓଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏହି ଘଟଣା ସମ୍ପର୍କରେ ଏମ୍‌ପିଙ୍କ ଗାଡ଼ିର ଡ୍ରାଇଭର ଦେବବ୍ରତ କର ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ କପାଗଡ଼ିଆ ଗ୍ରାମର ୨ ବ୍ୟକ୍ତିଙ୍କ ସମେତ ୧୨ରୁ ଊର୍ଦ୍ଧ୍ୱ ଅଚିହ୍ନା ବ୍ୟକ୍ତିଙ୍କ ନାମରେ ମାମଲା (ନଂ. ୮୯/୨୨) ରୁଜୁ ହୋଇଛି। ବାସୁଦେବପୁର ପୋଲିସ ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଠାବ କରିବାକୁ ଉଦ୍ୟମ ଆରମ୍ଭ କରିଛି।

# ଗଡ଼ରକ୍ଷା ସହ ବିଜେଡି ଅକ୍ତିଆରରେ ଅନ୍ୟ ଦୁଇ ଆସନ

ବାହାନଗା, ୨।୩(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରିବା ପରେ ତାର ଫଳାଫଳ ଘୋଷଣା ସରିଛି । ଏହି ନିର୍ବାଚନରେ ବାଲେଶ୍ୱର ଜିଲା ବାହାନଗା ବ୍ଲକର ୩ଟି ଜିଲାପରିଷଦ ଆସନକୁ ବିଜେଡି ନିଜ ଅକ୍ତିଆରକୁ ଆଣି ପାରିଛି । ବିଜେଡି ନିଜର ଗଡ ରକ୍ଷା କରିବା ସହିତ ଅନ୍ୟ ଦୁଇଟି ଭାଜପା ଓ କଂଗ୍ରେସଠାରୁ ଛଡାଇ ଆଣିବାରେ ସଫଳ ହୋଇଛି।

ବାହାନଗା ବ୍ଲକ ୧୮ନଂ. ଜିଲା ପରିଷଦ ଜୋନ ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ନିଜ ଅଧୀନକୁ ନେଇଥିଲା। ମାତ୍ର ଚଳିତ ନିର୍ବାଚନରେ ଭାଜପାଠାରୁ ବିଜେଡି ଛଡାଇ ଆଣିବାରେ ସଫଳ ହୋଇଛି। ଭାଜପାର ରବୀନ୍ଦ୍ର ମହାଳିକ ୧୨୬୬୪ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡିର ନୀଳାମ୍ବର ମହାଳିକ ୧୬୨୮୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିପରି ୧୯ ନଂ. ଜୋନ ୨୦୧୭ରେ କଂଗ୍ରେସ ନିଜ ଅକ୍ତିଆରକୁ ନେଇଥିଲା। ସେତେବେଳେ କଂଗ୍ରେସର ଶରତ ଚନ୍ଦ୍ର ରାଜ ବିଜୟୀ ହୋଇଥିଲେ। ତେବେ ଚଳିତ ନିର୍ବାଚନରେ ବିଜେଡିର ବିନପ୍ରଭା ଶିଅଳ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ମାନସୀ ମଲ୍ଲିକଙ୍କଠାରୁ ୭୯୬୦ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି । ତେବେ କଂଗ୍ରେସ ନିଜର ଗଡ ରକ୍ଷା କରିବାରେ ବିଫଳ ହେବା ସହିତ ଅମାନତ ହରାଇଛି। କଂଗ୍ରେସ ୧୮୨୫ ଖଣ୍ଡ ଭୋଟ ପାଇଥିଲା। ୨୦ନଂ. ଜୋନ ପୂର୍ବରୁ ବିଜେଡି ହାତରେ ଥିଲା। ଗତ ୨୦୧୭ ନିର୍ବାଚନରେ ବିଜେଡିର ପ୍ରଣତି ମହାଳିକ ବିଜୟୀ ହୋଇଥିବା ବେଳେ ଚଳିତ ନିର୍ବାଚନରେ ଦଳ ଶିଶିର କୁମାର ଅଗସ୍ତିଙ୍କୁ ଛିଡା କରାଇଥିଲା। ତେବେ ସେ ୧୧୫୫୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ଭାଜପାର ଅମର କୁମାର ନାୟକଙ୍କଠାରୁ ୩୦୩୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ୩ଟି ଜୋନରେ ଭାଜପା ସହିତ କଡା ମୁକାବିଲା ହୋଇଥିଲା । ତେବେ ବିଜେଡି ନିଜର ଗଡ ୨୦ନମ୍ବର ଜୋନକୁ ନିଜ ଅକ୍ତିଆରରେ ରଖିବା ସହ ଅନ୍ୟ ଦୁଇଟି ବିରୋଧୀଙ୍କଠାରୁ ଛଡାଇ ଆଣିବାରେ ସଫଳ ହୋଇଛି।

DSPL - 415

## ବିଶ୍ୱ ଶ୍ରବଣ ଦିବସ

୩ ମାର୍ଚ୍ଚ ୨୦୨୨

ଯଦି ସାରା ଜୀବନ ଶ୍ରବଣ ଶକ୍ତି ସୁରକ୍ଷିତ ରଖିବାକୁ ଚାହାଁନ୍ତି ତେବେ ଧ୍ୟାନର ସହ ଶୁଣନ୍ତୁ



୧. ଗର୍ଭାବସ୍ଥାରେ ଡାକ୍ତରଙ୍କ ବିନା ପରାମର୍ଶରେ ନିଆଯାଇଥିବା ଔଷଧ ଯୋଗୁଁ ନବଜାତ ଶିଶୁର ଶ୍ରୁତି ଶକ୍ତି ହାନି ହୋଇପାରେ। କୌଣସି ଔଷଧ ଖାଇବା ପୂର୍ବରୁ ସର୍ବଦା ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।
୨. ଆପଣଙ୍କ ପିଲାକୁ ନିୟମିତ ଟୀକାକରଣ କରାନ୍ତୁ। ଗାଲୁଆ, ମିଳିମିଳା ଭଳି ରୋଗ ପିଲାମାନଙ୍କ ଠାରେ ବଧିରତା ସୃଷ୍ଟି କରିପାରେ।
୩. ଶ୍ରବଣ ଶକ୍ତି ଦୁର୍ବଳ ଥିବା ପିଲାକୁ ଅନ୍ୟ ପିଲାମାନଙ୍କ ସହିତ ମିଶିବାକୁ ଉତ୍ସାହିତ କରନ୍ତୁ। ଏହା ମାନସିକ ତଥା ସାମାଜିକ ଜୀବନ ଶୈଳୀର ବିକାଶରେ ସହାୟକ ହେବ।
୪. ଯଦି ବିଦ୍ୟାଳୟ କକ୍ଷରେ ପିଲା ସ୍ୱଚ୍ଛ ଦୂରରୁ ଶିକ୍ଷକଙ୍କ ସ୍ୱର ପ୍ରତି ଧ୍ୟାନ ଦେବାକୁ ସକ୍ଷମ ନୁହଁନ୍ତି / ଅନ୍ୟମନସ୍କ ରୁହନ୍ତି ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।
୫. ବଧିରଙ୍କ ପାଇଁ ପରାମର୍ଶ ଓ ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନା ଏବଂ 'ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର'ମାନଙ୍କରେ ଉପଲବ୍ଧ।

ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ




ନିୟମିତ ୪୦ ସେକେଣ୍ଡ୍ ପର୍ଯ୍ୟନ୍ତ ହାତକୁ ଭଲଭାବରେ ଧୁଅନ୍ତୁ
ସର୍ବଦା ସଠିକ୍ ଭାବରେ ମାସ୍କ ପିନ୍ଧନ୍ତୁ
ନିଜକୁ ଅନ୍ୟମାନଙ୍କ ଠାରୁ ୨ ମିଟର ଦୂରରେ ରଖନ୍ତୁ
ସମସ୍ତ ଯୋଗ୍ୟ ବ୍ୟକ୍ତି କୋଭିଡ୍ ଟୀକା ନିଶ୍ଚୟ ନିଅନ୍ତୁ

OIPR-10003/13/0148/2122

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

ଧରିତ୍ରୀ
DHARITRI
ଗୁରୁବାର, ୩ ମାର୍ଚ୍ଚ, ୨୦୨୨



## ସଂକ୍ଷେପରେ

### ୯୦ରୁ ଅଧିକ ମୋତିଆବିନ୍ଦୁ ରୋଗୀ ଚିହ୍ନଟ

ବାଲେଶ୍ୱର ଅଫିସ, ୨।୩-ବାଲେଶ୍ୱର ସହର ଦାମୋଦରପୁରସ୍ଥିତ ବିଶ୍ୱକର୍ମା ମନ୍ଦିର ପ୍ରାଙ୍ଗଣରେ ରବିବାର ଦିବଙ୍ଗତ ସାମାଜିକ କର୍ମୀ ଦେବାଶିଷ ସେଠୀଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ଆଖି ପରୀକ୍ଷା କରାଯାଇ ୯୦ରୁ ଅଧିକ ମୋତିଆବିନ୍ଦୁ ରୋଗୀ ଚିହ୍ନଟ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଯିବାର ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶିବିରକୁ ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଯୁବନେତା ବିକ୍ରମ ପଣ୍ଡା, ପୂର୍ବତନ କାଉନସିଲର ରଞ୍ଜିତା ମହାପାତ୍ର ଓ ମୀନା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବଙ୍ଗତ ଦେବାଶିଷଙ୍କ ସମାଜସେବା କ୍ଷେତ୍ରରେ ଥିବା ଆଗ୍ରହ ଏବଂ ଯୁବଗୋଷ୍ଠୀଙ୍କୁ ଅନୁପ୍ରାଣିତ କରିଥିବା ଇତିହାସକୁ ଦୋହରାଇଥିଲେ। କମିଟି ସଭାପତି ତଥା ସ୍ୱର୍ଗତ ସେଠୀଙ୍କ ସ୍ତ୍ରୀ ମୀନତି ସେଠୀ ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ତଥା ଅବସରପ୍ରାପ୍ତ ଶିକ୍ଷକ ଲମ୍ବୋଦର ପ୍ରଧାନ, ସୁକାନ୍ତ ସେଠୀ, ଆଲୋକ ଦାସ ଓ ଅନିନ୍ଦ୍ୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ଡିଆର୍‌କେ(ବି) ଚାମ୍ପିୟନ

ବାରିପଦା ଅଫିସ,୨।୩-ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଓ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଜିଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ୍ ମ୍ୟାଚ୍‌ର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଆର୍‌କେ(ବି) ଦଳ ୬ ଉଇକେଟରେ ଡିଆର୍‌କେ(ଏ)କୁ ହରାଇ ଚାମ୍ପିୟନ ହୋଇଛି। ପ୍ରଥମେ ଡିଆର୍‌କେ(ଏ) ବ୍ୟାଟିଂ କରି ୪୦ ଓଭରରେ ୯ ଉଇକେଟ ହରାଇ ୨୧୩ ରନ୍ କରିଥିଲା। ଜବାବରେ ଡିଆର୍‌କେ(ବି) ୨୦.୨ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା।

ଦଳର ଉପେନ୍ଦ୍ର ନାୟକ ସର୍ବାଧିକ ୭୫ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦିଲୀପ ଦାସ ଓ ଅମିତାଭ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର ଚନ୍ଦ୍ର ବସା, ଆସୋସିଏଶନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଏବଂ କୋଷାଧକ୍ଷ ଅମିତାଭ ପଟ୍ଟନାୟକ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ସୋମନାଥ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଶୋକ ପଟ୍ଟନାୟକ, ବୈଦ୍ୟନାଥ ରଥ, ଅମର ସେଠୀ, ରବୀନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସହସମ୍ପାଦକ ହର ପ୍ରସାଦ ପାତ୍ର ଧନ୍ୟବାଦ ଦେଇଥିଲେ।

# ଶାଳ ବନୀକରଣ ପ୍ରକଳ୍ପ ଅବହେଳିତ

■ଅନାବନା ଗଛରେ ପରିପୂର୍ଣ୍ଣ
■ଅଧିକାରୀଙ୍କୁ ଖୁସି କରିବାକୁ ତରବରିଆ ସଫେଇ

କେନ୍ଦୁଝର,୨।୩ (ସ୍ୱ.ପ୍ର.)

କେନ୍ଦୁଝର ବନଖଣ୍ଡ ସଦର ରେଞ୍ଜ ଅଧୀନ ପଦ୍ମପୁର ଗ୍ରାମରେ ବନ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ କରାଯାଇଥିବା ଶାଳ ଜଙ୍ଗଲ ବନୀକରଣ ପ୍ରକଳ୍ପ ଅବହେଳିତ ହୋଇ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ସମଗ୍ର ଅଞ୍ଚଳ ଘାସ ଓ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ପଡିଥିବା ବେଳେ ନିଆଁ ଲାଗିଲେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ତେବେ ଗୁରୁବାର ପିସିସିଏଫଙ୍କ କେନ୍ଦୁଝର ଜିଲା ଗସ୍ତରେ ଆସି ଉକ୍ତ ବନୀକରଣ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିବାରୁ ତରବରିଆ ଭାବେ ସଫେଇ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟରେ ହାତୀମାନଙ୍କ ଟ୍ରାକିଂ ପାଇଁ ଥିବା ସ୍କ୍ୱାଡ୍ ଏବଂ ଜଙ୍ଗଲ ନିଆଁ ଲିଭା ସ୍କ୍ୱାଡ୍‌ର କର୍ମଚାରୀମାନଙ୍କୁ ନିୟୋଜିତ କରି ସଫେଇ ଓ କୋଡ଼ାଖୋସା ଆଦି କାମ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ହାତୀ ଓ ଜଙ୍ଗଲର ସୁରକ୍ଷା ପରିବର୍ତ୍ତେ ବିଭାଗୀୟ ଅଧିକାରୀମାନଙ୍କ ଚାକିରି ବଞ୍ଚାଇବା ପାଇଁ ସେମାନଙ୍କୁ ନିୟୋଜିତ କରାଯାଇଥିବାରୁ ପରିବେଶବିତମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।


ସଫେଇ କାମରେ ନିୟୋଜିତ ହାତୀ ଓ ନିଆଁ ଲିଭା ସ୍କ୍ୱାଡ୍ କର୍ମଚାରୀ।

ଏଠାରେ ସୂଚନାଯୋଗ୍ୟ ଯେ ୨୦୨୧-୨୨ରେ ୬ ହେକ୍ଟର ପରିମିତ ଅଞ୍ଚଳରେ ଏହି ମୂଲ୍ୟବାନ ଶାଳ ବନୀକରଣ କରାଯାଇଥିଲା। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏଠାରେ ୯୬୦୦ ଶାଳ ଚାରା ଲଗାଯାଇଥିଲା । ରକ୍ଷଣା ବେକ୍ଷଣ ଅଭାବରୁ କେତେକ ନଷ୍ଟ ହୋଇଯାଇଥିବାରୁ ପୁନଃ ରୋପଣ କରାଯାଉଥିବା ଜଣାପଡିଛି।

ତେବେ ପିସିସିଏଫଙ୍କୁ ଖୁସି କରିବା ପାଇଁ ଏଭଳି ତରବରିଆ ଭାବରେ ବନୀକରଣ ଅଞ୍ଚଳ ସଫେଇ ତଥା ନର୍ସରୀର ସଫେଇ ଓ ସୌନ୍ଦର୍ଯ୍ୟକରଣ କାମରେ ଏହି ସ୍କ୍ୱାଡର କର୍ମଚାରୀଙ୍କୁ ମୁତୟନ କରାଯାଇଥିବା ଅଭିଯୋଗ ହେଉଛି। ହାତୀ ଓ ଜଙ୍ଗଲର ସୁରକ୍ଷା ପାଇଁ ନିୟୋଜିତ କର୍ମଚାରୀଙ୍କୁ ଆଣି ଏଭଳି ପଦ୍ମପୁର ଶାଳ ବନୀକରଣ ଓ ମେଗା ନର୍ସରୀ ସୌନ୍ଦର୍ଯ୍ୟକରଣ କାମରେ ଲଗାଯାଉଥିବାରୁ ଏହା ତଦନ୍ତ ସାପେକ୍ଷ। ବର୍ଷ ବର୍ଷ ଧରି ଏହି ସବୁ ନର୍ସରୀ ଓ ବନୀକରଣର ରକ୍ଷଣାବେକ୍ଷଣ ତଥା ସୌନ୍ଦର୍ଯ୍ୟକରଣ କାମ ପାଇଁ ହେଉଥିବା ଖର୍ଚ୍ଚ ବାଟମାରଣା ହେଉଥିବା ଏଥିରୁ ସ୍ପଷ୍ଟ ଅନୁମାନ ହେଉଛି । ସେହିପରି ଏସବୁର ତଦାରଖ ନିୟମିତ ହେଉ ନ ଥିବା ଏଥିରୁ ସ୍ପଷ୍ଟ ହୋଇଥିବାରୁ ଗସ୍ତ ବେଳେ ପିସିସିଏଫ ଏହାର ସମୀକ୍ଷା କରିବା ପାଇଁ ପରିବେଶବିତମାନେ ଦାବି କରୁଛନ୍ତି । ଏନେଇ ସଦର ରେଞ୍ଜ ଅଧିକାରୀ ବିଦ୍ୟାଧର ସାହୁଙ୍କୁ ପଚାରିବାରୁ ସ୍କ୍ୱାଡ୍ କର୍ମଚାରୀଙ୍କ ତାଲିମ କାର୍ଯ୍ୟକ୍ରମ ଉକ୍ତ ଶାଳ ବନୀକରଣ ସ୍ଥାନରେ ଥିବାରୁ ସେମାନଙ୍କୁ ନିୟୋଜିତ କରାଯାଇଥିବା କହିଛନ୍ତି।

# କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ,ଶିକ୍ଷକ ଓ କୃତୀ ଛାତ୍ର।

ଉଦଳା,୨।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପରିଷଦ, ଭୁବନେଶ୍ୱରଙ୍କ ମିଳିତ ଉଦ୍ୟମରେ ବାରିପଦାର ଏମ୍‌ପିକେ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦଳା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଅଭିନନ୍ଦନ ଦିକ୍ଷୀତ ସିନିୟର ବିଭାଗରେ ପ୍ରଥମ ସ୍ଥାନ ଏବଂ ଅଷ୍ଟମ ଶ୍ରେଣୀ ଛାତ୍ର ଶୁଭବ୍ରତ ନାୟକ ଜୁନିୟର ବିଭାଗରେ ଦ୍ୱିତୀୟ ସ୍ଥାନ ହାସଲ କରି ବିଦ୍ୟାଳୟକୁ ଗୌରାବାନ୍ୱିତ କରିଛନ୍ତି। ଅଭିନନ୍ଦନ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍‌ରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଏନେଇ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ପ୍ରଧାନଶିକ୍ଷକ ଉର୍ମିଳା ରଣା କୃତୀ ଛାତ୍ରଦ୍ୱୟଙ୍କୁ ପୁଷ୍ପଗୁଚ୍ଛ ଏବଂ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବିଜ୍ଞାନଶିକ୍ଷକ ମୃତ୍ୟୁଞ୍ଜୟ ମହାନ୍ତି, ପାର୍ଥସାରଥୀ ବେହେରା, ବିବେକ ନାୟକ, କମଳା ମୁଦୁଲିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୁଇ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# 'ମୋ ସ୍କୁଲ' ଅଭିଯାନରେ ବାଲେଶ୍ୱର ଶୀର୍ଷରେ


ଜିଲା ଶିକ୍ଷାଧିକାରୀଙ୍କ ସମେତ 'ମୋ ସ୍କୁଲ' ଅଭିଯାନ ଟିମ୍ ସଦସ୍ୟାସଦସ୍ୟ।

ବାଲେଶ୍ୱର ଅଫିସ, ୨।୩

ବାଲେଶ୍ୱର ଜିଲା କ୍ରମାଗତ ଭାବେ ୧୩ଥର ପାଇଁ 'ମୋ ସ୍କୁଲ' ଅଭିଯାନରେ ରାଜ୍ୟରେ ଶୀର୍ଷ ସ୍ଥାନ ହାସଲ କରିଥିବା ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର ବୁଧବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଜିଲାଶିକ୍ଷାଧିକାରୀ ସୂତାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, 'ମୋ ସ୍କୁଲ' ଜିଲା ସଂଯୋଜକ ଡ. ସନ୍ଦୀପ କୁମାର ଖଟୁଆ ଏବଂ 'ମୋ ସ୍କୁଲ' ଜିଲାସ୍ତରୀୟ କମିଟିର ସମସ୍ତ ସଦସ୍ୟାସଦସ୍ୟଙ୍କ ସଂଯୋଜନାକ୍ରମେ ସମଗ୍ର ଜିଲା ବିଦ୍ୟାଳୟଗୁଡ଼ିକର ଆଲୁମିନି ଏବଂ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗକ୍ରମେ ସର୍ବମୋଟ୍ ଅର୍ଥରାଶି ୨କୋଟି ୯୪ଲକ୍ଷ ୫ହଜାର ୪୦ଟଙ୍କା ସଂଗ୍ରହ କରାଯାଇଛି।

ଗତ ଫେବୃୟାରୀ ୨୮ ତାରିଖରେ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲା କାର୍ଯ୍ୟକାରିଣୀ ବୈଠକରେ ୨୭୦ଟି ବିଦ୍ୟାଳୟରୁ ୪୮୦ଟି ପ୍ରକଳ୍ପ ଅନୁମୋଦିତ ହୋଇଛି। ଉକ୍ତ ବିଦ୍ୟାଳୟଗୁଡ଼ିକ ସହିତ ୨୨୭୯ଜଣ ବଦାନ୍ୟ ବ୍ୟକ୍ତି ତଥା ୧୬ହଜାର ୬୫୮ ଆଲୁମିନି ଯୋଡ଼ି ହୋଇଛନ୍ତି। ବୁଧବାର ୩୨ତମ ରାଜ୍ୟ କାର୍ଯ୍ୟକାରିଣୀ ପରିଷଦରେ ମୋଟ ୪୮୦ ପ୍ରକଳ୍ପ ଅନୁମୋଦିତ ହୋଇ ରାଜ୍ୟସରକାରଙ୍କଠାରୁ ମ୍ୟାଚିଂ ଗ୍ରାଣ୍ଟ ବାବଦରେ ଅର୍ଥରାଶି ୫କୋଟି ୮୮ଲକ୍ଷ ୧୦ହଜାର ୮୦ ଟଙ୍କା ଆସିବାର ଲକ୍ଷ୍ୟ ସ୍ଥିରୀକୃତ ହୋଇଛି। କ୍ରମାଗତ ଭାବେ ବିପୁଳ ଅର୍ଥ ଯୋଗାଡ଼ କରି ସମଗ୍ର ରାଜ୍ୟରେ ବାଲେଶ୍ୱର ଜିଲା ତ୍ରୟୋଦଶ ଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ସୁଅ ଛୁଟିଛି। ଭୋଗରାଇ ବ୍ଲକ ସର୍ବାଧିକ ଅର୍ଥରାଶି ୧କୋଟି ୭ଲକ୍ଷ ୩୮ହଜାର ୩ଶହ ୧୦ଟଙ୍କା ଯୋଗାଡ଼ କରିପାରିଛି। ଏହି ସଫଳତାର ସମସ୍ତ ଶ୍ରେୟ ଭୋଗରାଇ ବିଇଓ ଭଗିରଥ ଗିରି ଏବଂ ତାଙ୍କ ଟିମ୍‌ର ସମସ୍ତ ସଦସ୍ୟଙ୍କୁ ଦିଆଯାଇଛି।

# 'କଥା ତ ରହିଲା ବାକି' ଲୋକାର୍ପିତ

**ବାଲେଶ୍ୱର ଅଫିସ, ୨।୩:** ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କଲ୍ୟାଣୀ ନନ୍ଦଙ୍କ ରଚିତ କବିତା ସଂକଳନ 'କଥା ତ ରହିଲା ବାକି' ଲୋକାର୍ପିତ ହୋଇଯାଇଛି। ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ପୁସ୍ତକକୁ ଉନ୍ମୋଚନ କରି ଶାନ୍ତିକାନନ ଭଳି ପୁଣ୍ୟଭୂମିରେ କବୟିତ୍ରୀ ତାଙ୍କର ଗୀତିକବିତା ମାଧ୍ୟମରେ ଶାନ୍ତିର ବାର୍ତ୍ତା ପ୍ରଦାନ କରିଛନ୍ତି। 'ଅକ୍ଷାଂଶ'ର ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ପୁସ୍ତକକୁ ଆଲୋଚନା କରିବା ପରିପ୍ରେକ୍ଷୀରେ କବୟିତ୍ରୀଙ୍କର ସାରସ୍ୱତ ଉତ୍ତରଣ କାମନା କରିଥିଲେ। ଶେଷରେ ମନ୍ମଥ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣିବାବାଙ୍କ ପୀଠରେ ଜାଗରଯାତ୍ରା

ସୋର, ୨।୩(ଡି.ଏନ୍.ଏ.)

ସୋର ଥାନା ପରିସର ମଣିବାବା ଶୈବପୀଠରେ ଜାଗରଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ମନ୍ଦିର ପରିସରରେ ଶହ ଶହ ଭକ୍ତଙ୍କର ଭିଡ଼ ଲାଗିଥିଲା। ସନ୍ଧ୍ୟାରେ ରାଧାକୃଷ୍ଣ ଲୀଳା ନାଟ୍ୟାଭିନୟ ଅନୁଷ୍ଠିତ ହୋଇଥିଲା। ରାତି ୧୦ଟାରେ ମହାଦୀପ ଉଠିଥିଲା। ପୀଠରେ ଶ୍ରଦ୍ଧାଳୁଙ୍କ ସମାବେଶରେ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ବାହାନଗା ବିଡିଓ ଗୌରାଙ୍ଗ ଘୋଷ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡା ଯୋଗଦେଇଥିବା ବେଳେ ଆଇଆଇସି ସୁଜାତା ଖମାରୀ ଏହାକୁ ପରିଚାଳନା କରିଥିଲେ। କମିଟି ସଦସ୍ୟ ନବକିଶୋର ଦାସ, ଦାମୋଦର ଦାଶ ମହାପାତ୍ର, କମଳାକାନ୍ତ ତିଆଡ଼ି, ଏସ୍‌ଆଇ ସୂର୍ଯ୍ୟନାରାୟଣ ନାୟକ, ଅଶୋକ କୁମାର ମହାନ୍ତି, ଇତିପ୍ରଭା ଦାସ, କୁଳମଣି ପାତ୍ର, ଏଏସ୍‌ଆଇ ପ୍ରତାପ କାଲୋ, ଏନ୍.କେ. ବିଶ୍ୱାଳ, କେଶବ ଚନ୍ଦ୍ର ବେଶ୍ରା ଓ ମୂରଲୀଧର ନାୟକ ପ୍ରମୁଖ ପରିଚାଳନା କରିଥିଲେ।


ଜାଗର ଯାତ୍ରାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସୋର ମ୍ୟୁନିସିପାଲିଟି

# ପ୍ରଥମ ଦିନରେ ଦାଖଲ ହେଲାନି ନାମାଙ୍କନପତ୍ର

ସୋର, ୨।୩(ଡି.ଏନ.ଏ.)

ରାଜ୍ୟ ନିର୍ବାଚନ କମିଶନ ପକ୍ଷରୁ ପୌର ନିର୍ବାଚନ ତାରିଖ ମାର୍ଚ୍ଚ ୨୪ ଘୋଷଣା ହେବା ପରେ ସୋର ମ୍ୟୁନିସିପାଲିଟି ଚେୟାରମ୍ୟାନ୍ ସହ ୧୯ଟି ୱାର୍ଡରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରାୟ ଚୂଡାନ୍ତ ହୋଇଛି। ୨ରୁ ୭ ତାରିଖ ମଧ୍ୟରେ ନାମାଙ୍କନ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ବୁଧବାର ପ୍ରଥମ ଦିନରେ କେହି ନାମାଙ୍କନ ଦାଖଲ କରିନାହାନ୍ତି। କେବଳ ୧୪ଟି ଫର୍ମ ବିକ୍ରି ହୋଇଥିବା ଜଣାପଡିଛି। ନାମାଙ୍କନ ଦାଖଲ ପରେ ୯ ତାରିଖ ଯାଞ୍ଚ ପରେ ୧୦ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ ଓ ନାମାଙ୍କନ ପ୍ରତ୍ୟାହାର ତାରିଖ ୧୪ ଧାର୍ଯ୍ୟ ଅଛି। ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥିପତ୍ର ପୌର କାର୍ଯ୍ୟାଳୟ ପରିସରରେ ଦାୟିତ୍ୱରେ ଥିବା ଅତିରିକ୍ତ ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ନିକଟରେ ଦାଖଲ କରିବେ। ଏହି ନିର୍ବାଚନରେ ମ୍ୟୁନିସିପାଲିଟି ଚେୟାରମ୍ୟାନ୍ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେବ। ସୁରକ୍ଷା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସମ୍ପୂର୍ଣ୍ଣ ବ୍ୟବସ୍ଥା ଥିବା ଟାଉନ୍ ହଲ୍ ଓ ଏସ୍‌ଏନ୍ ହାଇସ୍କୁଲ ପରିସରରେ ୨ଟି ସମୁଦାୟ ୩ଟି ମଡେଲ ବୁଥ୍ ଘୋଷଣା କରାଯାଇଥିବା ସୂଚନା ମିଳିଛି।

# ସୋର ଡାକ୍ତରଖାନା ପରିଦର୍ଶନ କଲେ କାୟାକଳ୍ପ ଟିମ୍

ସୋର, ୨।୩(ଡି.ଏନ୍.ଏ.)

ସୋର ଡାକ୍ତରଖାନାକୁ କାୟାକଳ୍ପ ଟିମ୍ ବୁଧବାର ପରିଦର୍ଶନରେ ଆସି ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ମୂଲ୍ୟାୟନ କରିଛନ୍ତି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ପୃକ୍ତ ବିଭାଗ ପକ୍ଷରୁ କାୟାକଳ୍ପ ଟିମ୍ ପରିଦର୍ଶନ କରି ସେବା ବ୍ୟବସ୍ଥାର ମୂଲ୍ୟାୟନ କରିଥାଏ। ବିଭାଗୀୟ ଗାଇଡ୍ ଲାଇନ୍ ଅନୁଯାୟୀ ଉନ୍ନତ ସେବା ବ୍ୟବସ୍ଥା ଥିବା କେନ୍ଦ୍ରକୁ ପୁରସ୍କାର ସ୍ୱରୂପ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଏ। ଟିବି ନିରାକରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଅର୍ଘ୍ୟ ପ୍ରଧାନଙ୍କ ନେତୃତ୍ୱରେ ଡିପିଏମ୍ ଅନୀଲ କୁମାର ମହାନ୍ତି, କାୟାକଳ୍ପ କନ୍‌ସଲ୍‌ଟାଣ୍ଟ ଦୀପକ କୁମାର ବିଶ୍ୱାଳ, ବିଭାଗୀୟ ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରମୁଖ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଇନର ଓ ମେଜର ଓଟି, ଲେବର ରୁମ୍, ମହିଳା ଓ ପୁରୁଷ ରୋଗୀଙ୍କ ୱାର୍ଡ, ଶୌଚାଳୟ, ଲାବୋରେଟୋରୀ, ବର୍ଜ୍ୟବସ୍ତୁ ପରିଚାଳନା, ପରିସର ସ୍ୱଚ୍ଛତା ଓ ଔଷଧୀୟ ବୃକ୍ଷରୋପଣ ଆଦି ପରିଦର୍ଶନ କରି ମୂଲ୍ୟାୟନ କରିଥିଲେ। ପ୍ରକାଶଥାଉ କି, ପୂର୍ବରୁ ୨ଥର କାୟାକଳ୍ପ ଟିମ୍ ପକ୍ଷରୁ ମୂଲ୍ୟାୟନ ପରେ ସ୍ୱାସ୍ଥ୍ୟବିଭାଗ ତରଫରୁ ୨ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଏହି କେନ୍ଦ୍ରକୁ ପ୍ରଦାନ କରାଯାଇଛି। କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସତ୍ୟନାରାୟଣ ନାୟକ, ବିପିଏମ୍ ମୁକ୍ତିକାନ୍ତ ପାଣିଗ୍ରାହୀ, ବାମ୍ ମନୋଜ କୁମାର ପାତ୍ର, ପିଏଚ୍‌ଇଓ ବୈକୁଣ୍ଠନାଥ ଧାମୁଡିଆ ଓ ଆଇସିଟିସି କାଉନ୍‌ସିଲର ଶମ୍ଭୁନାଥ ସାହୁ ପ୍ରମୁଖ କାୟାକଳ୍ପ ଟିମ୍ ପରିଦର୍ଶନ ସମୟରେ ସହଯୋଗ କରିଥିଲେ।

# ଫତେପୁର ହାଇସ୍କୁଲରେ ପୁରାତନ ଛାତ୍ରଙ୍କ ବୈଠକ

## ୬ରେ ମେଗା ସ୍ୱାସ୍ଥ୍ୟ ଶିବିର

ଖଇରା/ଔପଦା, ୨।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକର ଫତେପୁର ହାଇସ୍କୁଲର ପୁରାତନ ଛାତ୍ରମାନଙ୍କର ଏକ ବୈଠକ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୬ତାରିଖରେ ବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ମାଗଣା ମେଗା ସ୍ୱାସ୍ଥ୍ୟଶିବିର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭୁବନେଶ୍ୱରର ବହୁ ବିଶେଷଜ୍ଞ ଚିକିତ୍ସକ ଆସୁଥିବାରୁ କିଭଳି ଅଧିକରୁ ଅଧିକ ରୋଗୀ ଏହାର ଫାଇଦା ନେଇପାରିବେ ସେ ସମ୍ପର୍କରେ ପ୍ରଚାର ପ୍ରସାର କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସେହିଭଳି ପୂର୍ବତନ ପ୍ରଧାନଶିକ୍ଷକ ଅନାଦି ଚରଣ ଦାସଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହାକୁ ବିଦ୍ୟାଳୟ ପରିସରରେ କିଭଳି ସ୍ଥାପନା କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରଧାନ ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜନ୍ମେଜୟ ପାତ୍ର, ଚନ୍ଦ୍ରଶେଖର ପଣ୍ଡା, ସୁଦର୍ଶନ ରାଉତ, ବସନ୍ତ କୁମାର ବେହେରା, ନିରଞ୍ଜନ ମହାନ୍ତି, ମନୋରଞ୍ଜନ ନାୟକ, ଉତ୍କଳବନ୍ଧୁ ପଣ୍ଡା, ସନାତନ ପୋଇ, ଚିତ୍ତରଞ୍ଜନ ଦାସ, ହେମକାନ୍ତ ଶିଅ, ପୂର୍ଣ୍ଣଚନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ଥିଲେ।


ଉପସ୍ଥିତ ପୁରାତନ ଛାତ୍ର।

# ୭ ବର୍ଷରୁ ଚିହ୍ନୁଥିଲେ ଜଡ଼ିବୁଟି

## ଚିକିତ୍ସାରେ ସିଦ୍ଧହସ୍ତ ବୈଦ୍ୟ ପୁରୁଷୋତ୍ତମ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୨।୩ (ସ୍ୱ.ପ୍ର.)

ପିଲା ଦିନରୁ ମାତ୍ର ୭ ବର୍ଷ ବୟସରୁ ବାପାଙ୍କ ସହିତ ଜଡିବୁଟି ଚିକିତ୍ସା କରି ଆଜି ନିଜକୁ ପ୍ରତିଷ୍ଠିତ କରିଛନ୍ତି ବୈଦ୍ୟ ପୁରୁଷୋତ୍ତମ ମହାନ୍ତ। ତାଙ୍କ ଘର ଚମ୍ପୁଆ ବ୍ଲକ ସିଲିପୁଞ୍ଜି ଗ୍ରାମରେ। ୧୯୯୦ ମସିହା ପୂର୍ବରୁ ବାପା ଗୌତମ ମହାନ୍ତଙ୍କ ଦେହାନ୍ତ ପରେ କୌଳିକ ବୃତ୍ତି ଭାବେ ଏହି କବିରାଜି ଚିକିତ୍ସାକୁ ଆପଣାଇ ଏବେ ସେ ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବିଶେଷ କରି ଅପସ୍ମାର, କିଡନୀ, ଶୁକ୍ରାଣୁ ସମସ୍ୟା, ବାତ, ସ୍ତ୍ରୀ ରୋଗ ଚିକିତ୍ସାରେ ସିଦ୍ଧହସ୍ତ ହୋଇ କେନ୍ଦୁଝର ଜିଲା ବ୍ୟତୀତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରୋଗୀ ଚିକିତ୍ସା କରୁଛନ୍ତି।



ପ୍ରଥମେ ଗାଁ ଗାଁ ବୁଲି ବିଭିନ୍ନ ଛକରେ ଦୋକାନ ଖୋଲି ରୋଗୀ ଚିକିତ୍ସା କରିଆସୁଥିବା ପୁରୁଷୋତ୍ତମ କିଛି ବର୍ଷ ହେଲା ସ୍ଥାୟୀ ଭାବେ କେନ୍ଦୁଝର ସହର କଲେଜ ରୋଡରେ ନିଜର ଚିକିତ୍ସା କେନ୍ଦ୍ର (ଆୟୁର୍ବେଦିକ ସେବା ସଦନ) ଖୋଲି କାମ କରିଆସୁଛନ୍ତି। ନିଜେ ଜଡିବୁଟି ସଂଗ୍ରହ କରି ଏବଂ ବାହାରୁ କିଣି ଔଷଧ ପ୍ରସ୍ତୁତ କରିବା ସହ ରୋଗୀଙ୍କ ଚିକିତ୍ସା କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଏହା ପୂର୍ବରୁ ଦୀର୍ଘ ୧୨ ବର୍ଷ ଧରି ବୈଦ ବିଶାରଦ ହରେକୃଷ୍ଣ ମହାନ୍ତଙ୍କଠାରୁ ପରାମର୍ଶ ନେଇ ତାଙ୍କ ସହିତ କାମ କରିଥିବା କୁହନ୍ତି। ତାଙ୍କର ଦୃଢ ଇଚ୍ଛା ଶକ୍ତି ଓ ଚିକିତ୍ସା ସେବାରେ ଗବେଷଣାତ୍ମକ ଚିନ୍ତାଧାରା ଯୋଗୁ ଆଜି ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ବହୁ ଜିଲା ଓ ବାହାର ରୋଗୀଙ୍କୁ ସଫଳ ଚିକିତ୍ସା କରିପାରିଛନ୍ତି ବୋଲି ବୈଦ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି। ଏବେ ତାଙ୍କ ପାଖରେ ପାଖାପାଖି ୨୫୦ ପ୍ରକାରର ଜଡିବୁଟି ରହିଥିବା ବେଳେ ସେସବୁ ପଶ୍ଚିମବଙ୍ଗ, ରାଇପୁର, ଉତ୍ତରାଖଣ୍ଡ ଆଦି ରାଜ୍ୟରୁ ସେ କିଣିଥିବା କୁହନ୍ତି। ସେ ନିଜେ ୯୦ ପ୍ରତିଶତ ଗଛପତ୍ର ଦେଖି ଚିହ୍ନିପାରନ୍ତି।

ରୋଗର ପ୍ରକୃତ କାରଣ ଚିହ୍ନି ପାରିଲେ ଚିକିତ୍ସା ସୁବିଧା ଜନକ ହୋଇଥାଏ। ଏଲୋପାଥୀ ଭଳି ଏହି ଚିକିତ୍ସାରେ ତୁରନ୍ତ ଭଲ ହେବା ବ୍ୟବସ୍ଥା ନାହିଁ। ଏଣୁ ଏଥିପାଇଁ ବିଶ୍ୱାସ, ଧୈର୍ଯ୍ୟ ଜରୁରୀ ବୋଲି ସେ କୁହନ୍ତି । ଆଜିକାଲି ଔଷଧର ବେପାର ବଢିଯାଇଛି। ବହୁ କମ୍ପାନୀ ଏହି ଔଷଧ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ଠିକ ନୀତିନିୟମ, ଭାଗମାପରେ କରାଯାଉଛି କି ନାହିଁ ତାହା ଉପରେ ରୋଗର ଉପଶମ ନିର୍ଭର କରିଥାଏ ବୋଲି ସେ କୁହନ୍ତି। ଏହି ଔଷଧର ପାର୍ଶ୍ୱବର୍ତ୍ତୀ ପ୍ରତିକ୍ରିୟା ନ ଥାଏ। ସେ ଶ୍ରେଷ୍ଠ ଯୁବକ ବୈଦ୍ୟ ଭାବରେ ବିଭିନ୍ନ ସ୍ଥାନରେ ସମ୍ମାନ ଓ ସମ୍ବର୍ଦ୍ଧନା ପାଇ ଆସିଥିଲେ ହେଁ ରୋଗୀ ସେବାକୁ ପାଥେୟକରି ଆଗେଇଚାଲିଛନ୍ତି। ସରକାରଙ୍କ ତରଫରୁ ମାନ୍ୟତା ଓ ପ୍ରୋତ୍ସାହନ ମିଳିଲେ ତାଙ୍କ ଭଳି ଅନ୍ୟମାନେ ଉପକୃତ ହୋଇପାରିବେ ଏବଂ ଏହି ବହୁ ପୁରୁଣା ପରମ୍ପରାର ସୁରକ୍ଷା ହେବା ସହ ନୀରୋଗ ସମାଜ ଗଠନରେ ସହାୟକ ହୋଇପାରନ୍ତା ବୋଲି ସେ କୁହନ୍ତି।

ଜଡିବୁଟିର ମାନ ଅନୁଯାୟୀ ଔଷଧୀୟ ଗୁଣ ଏବଂ ଦାମ ରହିଛି । ସେ ଅନୁସାରେ ଚିକିତ୍ସା କରାଯାଇଥାଏ। ଏଣୁ ଅନେକ ସମୟରେ ବ୍ୟୟବହୁଳ ହୋଇଥିଲେ ହେଁ ଯେଉଁ ରୋଗ ଏଲୋପାଥୀରେ ଭଲ ହେବ ନାହିଁ ତାହା ଏହି ଔଷଧରେ ଭଲ ହୋଇଥାଏ ବୋଲି ସେ କୁହନ୍ତି । ବିଶେଷ କରି ତାଳପତ୍ର ପୋଥି, ଶାସ୍ତ୍ରୀୟ ଔଷଧ, ଟୁଟୁକା ଔଷଧର ସହାୟତାରେ ଚିକିତ୍ସା କରିଥାନ୍ତି। ଜଙ୍ଗଲ କ୍ଷୟ ଯୋଗୁଁ ବହୁ ପାରମ୍ପାରିକ ଔଷଧୀୟ ଫଳ, ମୂଳ ଆଦି ଲୋପ ପାଇବାକୁ ବସିଥିଲେ ହେଁ ଖଣ୍ଡାଖାଇ, କୁଲୁଚି, ନାଗରମୁଖା, ଅଁଳା ଆଦି ବାହାରକୁ ଚାଲାଣ ହୋଇଯାଉଛି।

